# Akashvani, Sambalpur

## SAMBALPURI NEWS EVENING BULLETIN

**19 July 2024- 7.02 pm- 7.12 pm.**

**********************************************

୧- ୯ ଦିନିଆ ଯାତ୍ରା ସାରିକରି ଶ୍ରୀଜୀଉମାନେ ଶ୍ରୀମନ୍ଦିର୍ ରତ୍ନସିଂହାସନ୍‌କେ କରୁଛନ୍ ବିଜେ ।

୨- ସପ୍ତଦଶ ବିଧାନ୍‌ସଭାର୍ ଅଧିବେଶନ୍ ଆଘୋନୁ ଆଏବା ରଏବାର୍ ଦିନ ସର୍ବଦଳୀୟ ବୈଠକ୍ ଡାକ୍‌ଲେ ସର୍‌କାର୍ ।

୩- ପୁରୀ ନ ଆଏଜ୍‌ଠାନୁ ମୁଲ୍ ହେଲା ରାଜ୍ୟ ବିଜେପିର୍ କାର୍ଯ୍ୟକାରିଣୀ ବୈଠକ୍ ।

୪- ବରିଷ୍ଠ ଆଇନ୍‌ଜୀବୀ ପିତାମ୍ବର ଆଚାର୍ଯ୍ୟଙ୍କୁ ଆଡ଼ଭୋକେଟ୍ ଜେନେରାଲ୍ ଭାବେ ନିଯୁକ୍ତି ଦେଲେ ରାଜ୍ୟ ସର୍‌କାର୍ ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଅବପାତଥି ବଦଲିଲା - ୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ।

ନୀଳାଦ୍ରୀ ବିଜେ ଆର୍‌ଏନ୍‌ୟୁ/ ସମ୍ବଲପୁର

୯ ଦିନିଆ ଯାତ୍ରା ସାରିକରି ଆଏଜ୍ ଶ୍ରୀଜୀଉମାନେ ଶ୍ରୀମନ୍ଦିର୍‌ର ରତ୍ନ ସିଂହାସନ୍‌କେ ଫିର୍‌ବେ । ଘୋଷଯାତ୍ରାର୍ ଶେଷ୍ ଦିନେ ମହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେଉଛେ ଶେଷ୍ ନୀତି । ରଥ ଉପ୍‌ରେ ଥିବା ତିନ୍‌ହି ମାହାପୁରୁଙ୍କର୍ ନୀତିକାନ୍ତି ସର୍‌ବାର୍ ଉତ୍‌ରୁ ସନ୍ଧ୍ୟାଧୂପ ନୀତି ହେଇଛେ । ଇ ନୀତି ସର୍‌ବାର୍ ଉତ୍‌ରୁ ରଥ ନ ଚାରମାଳ ବନ୍ଧାଯାଉଛେ । ଇତାର୍‌ଉତ୍‌ରୁ ପୁଷ୍ପାଞ୍ଜଳି କରାଯାଇକରି ଶ୍ରୀଜୀଉମାନ୍‌କର୍ ପହଣ୍ଡି ନୀତି ହେବା । ଗୋଟି ପହଣ୍ଡିଥି ପହେଲା ମଦନ୍‌ମୋହନ୍ ଆର୍ ରାମକୃଷ୍ଣ ବିଜେ କର୍‌ବେ । ଇମାନ୍‌କର୍ ପରେ ସୁଦର୍ଶନ ମାହାପୁରୁଙ୍କୁ ରତ୍ନବେଦୀକେ ପହଣ୍ଡି କରାଯିବା । ସୁଦର୍ଶନଙ୍କର୍ ପହଣ୍ଡି ଉତ୍‌ରୁ ବଡ଼ଠାକୁର ଶ୍ରୀ ଶ୍ରୀ ବଳଭଦ୍ର ଆଉ ମା ସୁଭଦ୍ରାଙ୍କର୍ ପହଣ୍ଡି କରାଯିବା । ଶେଷେ ପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡିଥି ଯାଇକରି ରତ୍ନସିଂହାସନ ବିଜେ କର୍‌ବେ । ମହାପ୍ରଭୁ ଆଏଜ୍ ମା ଲକ୍ଷ୍ମୀଙ୍କର୍ ମାନଭଞ୍ଜନ୍ ଲାଗି ରସଗୋଲା ଦେବାର୍ ବିଧି ରହିଛେ । ପୁରୀ ନ ରଥାରୁଢ଼ ଶ୍ରୀଜୀଉଙ୍କର୍ ଦର୍ଶନ୍ ଲାଗି ଜବର୍ ଭିଡ଼୍ ଲାଗିଛେ ।

ନୀଳାଦ୍ରୀ ବିଜେ-ସୁବର୍ଣ୍ଣପୁର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କୋଟସମ୍ଲେଇ ପାତାଳି ଶ୍ରୀକ୍ଷେତ୍ର ନ ଆଏଜ୍ ନୀଳାଦ୍ରୀ ବିଜେ ଅନୁଷ୍ଠିତ୍ ହେଉଛେ । ୯ ଦିନିଆ ରଥଯାତ୍ରା ଶେଷ୍ କର୍ବାର୍ ଉତ୍ରୁ ତିନ୍ହି ମାହାପୁରୁ ଗମ୍ଭୀରା ବିଜେ କରୁଛନ୍ । ତ୍ରିକୁଟ ପାହାଡ଼ର ତଲୁ ତିନ୍ହି ମାହାପୁରୁଙ୍କୁ ଛଲିଆ ଶିଖର୍କେ ଗୋଟି ପହଣ୍ଡିଥି ଶହେ ୮ ପାହୁଚ ଦେଇକରି ନିଆଯାଉଥିବାର୍ ବେଲେ ହରିବୋଲ୍ ଆର୍ ହୁଲହୁଲିଥି ଆଧାତ୍ମିକ୍ ପରିବେଶ୍ ହେଇଛେ । ପାତାଳୀ ଶ୍ରୀକ୍ଷେତ୍ର ନ ନୀଳାଦ୍ରୀ ବିଜେ ଦେଖିବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ୍ ହେଇଛେ ।

ସର୍ବଦଲୀୟ ବୈଠକ୍ ଆର୍ଏନ୍ୟୁ/କଟକ୍

୧୭ ନମ୍ବର୍ ବିଧାନ୍ସଭା ଅଧିବେଶନ୍ ଆଘୋନୁ ଆଏବା ରଏବାର୍ ୨୧ ତାରିଖ୍ ଦିନ ବିଧାନ୍ସଭାର୍ ସର୍ବଦଲୀୟ ବୈଠକ୍ ହେବା । ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଦିନର୍ ୧୧ ବଜେ ଇ ବୈଠକ୍ ବସ୍ବା । ବଜେଟ୍ ଅଧିବେଶନ୍କେ ସୁରୁଖୁରୁଥି ପରିଚାଳନା କର୍ବାର୍ ଲାଗି ବାଚସ୍ପତି ସମସ୍ତଙ୍କର୍ ସହଯୋଗ୍ କାମନା କର୍ବେ । ବୈଠକ୍ ଆଘୋନୁ ସର୍କାରୀ ଦଲ୍ ମୁଖ୍ୟ ସଚେତକ ଆର୍ ଉପମୁଖ୍ୟ ସଚେତକ ନିଯୁକ୍ତ ହେବେ । ସେନ୍ତା ଆଏବା ୨୩ ତାରିଖ୍ ଦିନ ଉପବାଚସ୍ପତି ପଦ ଲାଗି ନାମାଙ୍କନ ପତ୍ର ଦାଖଲ୍ ହେବା । ସେହିଦିନ ୧୨ ବଜେତକ୍ ନାମାଙ୍କନ୍ ପତ୍ର

ଦାଖଲ୍ ହେବା ଆର୍ ୨୪ ତାରିଖ୍ ଦିନ ଫଲାଫଲ୍ ଘୋଷ୍ନା କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ୧୭ ନମ୍ବର୍ ବିଧାନ୍ସଭାର୍ ପହେଲା ଅଧିବେଶନ୍ ଆଏବା ୨୨ ତାରିଖ୍ନୁ ମୁଲ୍ ହେବା । ଆଏବା ୨୫ ତାରିଖ୍ ଦିନ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ ହେବା । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ମନ୍ତ୍ରୀ ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ତିଆର୍ ହେଇଥିବା ଚିଠା ବଜେଟ୍ ଗୃହିତ ହେଇଛେ । ବଜେଟ୍ଥି ଧାନ୍ କ୍ୱିଂଟାଲ୍ ପିଛା ୩୧ ଶହ ଟଙ୍କା ସୁଭଦ୍ରା ଯୋଜ୍ନାଥି ମହିଳାମାନକୁ ୫୦ ହଜାର୍ ଟଙ୍କାର୍ ଭାଉଚର୍ ଦେବାର୍ ଆଉ ପୁରୀ ଶ୍ରୀମନ୍ଦିର୍ ରକ୍ଷଣାବେକ୍ଷଣ୍ ଲାଗି ୫ ଶହ କୋଟି ଟଙ୍କାର୍ କର୍ପସ୍ ପାଣ୍ଠିର ବ୍ୟବସ୍ଥା କରାଯାଇଥିବାର୍ ଜନାପଡ଼ିଛେ ।

ବିଜେପି-ରାଜ୍ୟ କାର୍ଯ୍ୟକାରିଣୀ ବୈଠକ  ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍ ଆଏଜ୍ଠାନୁ ପୁରୀ ନ ଆରମ୍ଭ୍ ହେଇଛେ । ବୈଠକ୍ଥି ଅଧ୍ୟକ୍ଷତା କରିକରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ ଯେ, ଜଗନ୍ନାଥଙ୍କର୍ ଭୂମିଥି ସମ୍‌କୁ ଠୋଲ୍ ହେବାର୍

ସୁଯୋଗ୍ ମିଲିଛେ । ଦଲର୍ କାର୍ଯ୍ୟକର୍ତା ମାନ୍‌କୁ ପ୍ରଶଂସା କର୍‌ବାର୍ ସହେତେ ଆଦିବାସୀ ମାନ୍‌କୁ ମୁଖ୍ୟସ୍ରୋତଥି ସାମିଲ୍ କର୍‌ବାର୍ ଲାଗି ବିଧାୟକ୍ ମାନ୍‌କୁ ପରାମର୍ଶ ଦେଇଛନ୍ । ଲୋକ୍‌ମାନ୍‌କର୍ ବିଶ୍ୱାସ୍‌କେ ବର୍‌କସ୍ କର୍‌ବାର୍ ଆର୍ ଉତମ ଶାସନ୍ ଉପ୍‌ରେ ଗୁରୁତ୍ୱ ଦେବାର୍ ଲାଗି ଦଲୀୟ କର୍ମକର୍ତାମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ଆଏବା ୨୫ ବଛର୍ ଲାଗି ବିଜେପି ତର୍‌ଫୁ ରାଜ୍ୟର୍ ଉନ୍ନତି ଲାଗି ଚିଠା ତିଆର୍ କରାଯାଇଛେ । ଆଏଜ୍‌ଠାନୁ ମୁଲ୍ ହେଇଥିବା ୨ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍‌କେ ଶ୍ରୀ ନଡ୍ଡା ଉଦ୍‌ଘାଟନ୍ କରିଥିଲେ । ଦଲୀୟ ପତାକା ଉତୋଲନ୍ ସହେତେ ଅଲ୍‌ଗା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ରାଜ୍ୟ ବିଜେପିର୍ ୩ ଝନ୍ ପ୍ରଭାରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ସବୁ ମନ୍ତ୍ରୀଙ୍କର୍ ସହେତେ ଦଲର୍ ପ୍ରମୁଖ କର୍ମକର୍ତାମାନେ ଯୋଗ୍ ଦେଇଛନ୍ ।

ଆଡ଼ଭୋକେଟ୍ ଜେନେରାଲ ନିଯୁକ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ପିତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ସର୍‌କାର୍ ଆଡ଼ଭୋକେଟ୍ ଜେନେରାଲ୍ ଭାବେ

ନିଯୁକ୍ତି ଦେଇଛନ୍ । ରାଜ୍ୟ ଆଇନ୍ ବିଭାଗ ତର୍ଫୁ ଶ୍ରୀ ଆଚାର୍ଯ୍ୟଙ୍କର୍ ନିଯୁକ୍ତି ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ ସିଏମ୍ଓ

ସପ୍ତଦଶ ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ ମୁଲ୍ ହେଉଥିବାର୍ନୁ ଆଏବା ୨୨ ତାରିଖ୍ ସୋମ୍ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ଇ ବାବ୍ଦେ ସୂଚ୍ନା ମିଲିଛେ ।

ରସଗୁଲା ଦିବସ ଆର୍ଏନ୍ୟୁ/ କଟକ୍

ଓଡ଼ିଶାର୍ ମିଠା ମାନ୍କର୍ ଭିତ୍ରେ ରସ୍ଗୁଲାର ଗୁରୁତ୍ୱ ରହିଛେ । ଇତାର୍ ସମ୍ପନ୍ଧ ଭାରତୀୟ ଧର୍ମ, ସଂସ୍କୃତି ଆର୍ ପରମ୍ପରା ସାଙ୍ଗେ ଜୁଡ଼ି ହେଇଛେ । ରସଗୁଲାର ପରମ୍ପରା ବହୁତ୍ ଦିନୁ ଶ୍ରୀ ଜଗନ୍ନାଥଙ୍କର୍ ସଂସ୍କୃତି ଆର୍ ରଥଯାତ୍ରା ସାଙ୍ଗେ ଜୁଡ଼ି ହେଇଥିବାର୍ନୁ ଫି' ବଛର୍ ଆଝିର୍ ଦିନ୍କେ ରସ୍ଗୁଲା ଦିବସ୍ ହିସାବେ ପାଲନ୍ କରାଯାଉଛେ । ଫି' ବଛର୍ ରଥଯାତ୍ରାର୍ ଶେଷ୍ ନୀତି ନୀଳାଦ୍ରୀ ବିଜେ ଅବ୍ସରେ ଇ ଦିବସ୍ ପାଲନ୍ କରାଯାଏସି । ଇନ ଜନେଇ

ଦିଆଯାଇପାରେ ଯେ, ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖ୍ ଦିନୁ ଇଟା ପହେଲା ମୁଲ୍ ହେଇଥିଲା ଆର୍ ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖ୍ ଦିନ ଓଡ଼ିଶାର୍ ରସଗୁଲାକେ ଜି.ଆଇ. ଟେଗ୍ ମିଲିଥିଲା ।

ଜିଲ୍ଲା ପରିଷଦ୍ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ୬ ନମ୍ବର୍ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । କୃଷି, ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ , ପାନୀୟ ଜଳ , ଶିକ୍ଷା, ସ୍ୱାସ୍ଥ୍ୟ, ଜଲ୍‌ସେଚନ୍ ବାଗିର୍ ୨୧ ଟା ବିଭାଗ୍‌ର ଉନ୍ନୟନ୍ କାମ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଥିଲା । ଖାସ୍ କରି ଆଦିବାସୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଥିବା ଯୋଜ୍‌ନାର୍ କାର୍ଯ୍ୟକାରୀ କର୍‌ବାର୍ ସହେତେ ଶିକ୍ଷାର୍ ମାନ ବଢ଼ାବାର୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ବୈଠକ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଡଲି ମାଝୀ ଅଧ୍ୟକ୍ଷତା କରିଥିବାର୍ ବେଲେ ଜିଲ୍ଲାପାଲ୍ ହେମକାନ୍ତ ସାଏ, ନୂଆପଡ଼ା ବିଧାୟକ୍ ରାଜେନ୍ଦ୍ର ଢୋଲ୍‌କିଆ, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଜିଲ୍ଲା ପରିଷଦ୍ ସଭ୍ୟସଭ୍ୟା, ବ୍ଲକ୍ ଅଧ୍ୟକ୍ଷ ଆର୍ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ ।

ସ୍ୱଚ୍ଛତା ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପ କାରାଗାର ପରିସର୍ ନ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସ୍ୱଚ୍ଛତା ସଚେତନତା ଶିବିର ହେଇଯାଇଛେ । ଶିବିର୍‌କେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ସମ୍ପାଦିକା ନବନୀତା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧିକ୍ଷକ ଆଉ ଉପକାରାଗାର୍ ତଦାରଖ୍ କମିଟି ସଦସ୍ୟ ଡକ୍ଟର୍ ଫଣିନ୍ଦମ୍ ଦେଓ ପ୍ରମୁଖ ଯୋଗ୍ ଦେଇଥିଲେ । କାରାଗାର୍‌ଥି ଆନୁସଙ୍ଗିକ ବ୍ୟବସ୍ଥା ଆଉ ସ୍ୱଚ୍ଛତା ବାବ୍‌ଦେ ରହିଥିବା ସମସ୍ୟା ବାବ୍‌ଦେ ଅନ୍ତେବାସୀମାନ୍‌କର୍‌ନୁ ସେମାନେ ପଚ୍‌ରେଇକରି ବୁଝିଥିଲେ । ଫି’ ମାସ ଉପକାରାଗାର୍‌କେ ଯାଇକରି ଥିତିର୍ ଅନୁଧ୍ୟାନ୍ କର୍‌ବାର୍, ସାହାଜ୍ ଦେବାର୍ ସହେତେ ଅନ୍ତେବାସୀମାନ୍‌କୁ ଶିକ୍ଷା ଆର୍ ପାଠ୍‌ପଢ଼୍‌ବାର୍‌କେ ଅତିଥି ମାନେ ପରାମର୍ଶ ଦେଇଥିଲେ ।

ତମାଖୁ ନିୟନ୍ତ୍ରଣ- ସମନ୍ୱୟ ବୈଠକ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ତମାଖୁ ନିୟନ୍ତ୍ରଣର ପହେଲା ସମନ୍ୱୟ ବୈଠକ୍ ଜିଲ୍ଲାପାଳ୍ ଅନ୍ୟା ଦାସଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଗଲା ୩ ବଛର୍ ହେଲା ଚାଲିଥିବା ଇ କାର୍ଯ୍ୟକ୍ରମ୍‌ର ମିଲିଥିବା ତଥ୍ୟ ଅନ୍‌ସାରେ ଜିଲ୍ଲା ନ ୩୯ ଦଶ୍‌ମିକ୍ ୪ ପ୍ରତିଶତ୍ ପୁରୁଷ ଆର୍ ୧୭ ଦଶ୍‌ମିକ୍ ୯

ପ୍ରତିଶତ୍ ମହିଲା ତମାଖୁ ସେବନ୍ କର୍‌ସନ୍ । ତର୍‌ଭା ଆର୍ ଡୁଙ୍ଗୁରିପାଲିର୍ ଭିତ୍‌ରିଆ ଇଲାକା ନ ତମାଖୁ ସେବନ୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବଡ଼୍ ଧରଣ୍‌ର ଅଭିଯାନ୍ ଚାଲିଛେ ।

ଆତ୍ମରକ୍ଷା ତାଲିମ୍ ଶିବିର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଐତିହ୍ୟ ସମ୍ପନ୍ନ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲା ସ୍କୁଲ୍ ନ ଛାତ୍ରୀ ମାନ୍‌କର୍ ଲାଗି ବିଦ୍ୟାଳୟସ୍ତରୀୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହେଇଯାଇଛେ । ଶିବିରଥି ଜିଲ୍ଲା ଶିକ୍ଷା ବିଭାଗ୍‌ର କର୍ମକର୍ତାମାନେ ଛାତ୍ରୀମାନେ କେନ୍ତା ଆତ୍ମରକ୍ଷା ସହେତେ ମାନସିକ ଆର୍ ଶାରୀରିକ ଭାବେ ସଶକ୍ତ ହେଇପାର୍‌ବେ ସେ ବାବ୍‌ଦେ ବୁଝେଇଥିଲେ । ଜିଲ୍ଲାର୍ ୬ ଶହ ୨୮ ଟା ସର୍‌କାରୀ ଉଚ୍ଚ ପ୍ରାଥମିକ ଆଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟର୍ ୬ ନୁ ୧୨ କ୍ଲାସ୍‌ଥି ପାଠ୍‌ପଢୁଥିବା ୯ ହଜାର୍ ୪ ଶହ ୫୨ ଝନ୍ ଛାତ୍ରୀଙ୍କୁ ମାସ୍‌କ ୫ ଦିନ୍ ହିସାବେ ୩ ମାସେ ୧୫ ଦିନ୍ ଆତ୍ମରକ୍ଷା ତାଲିମ୍ ଦିଆଯିବାର୍ ଲାଗି ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ-ବନ ମହୋତ୍ସବ ହପ୍ତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନୂଆପାଲି ଆଦିବାସୀ ଉଚ୍ଚବିଦ୍ୟାଳୟ ନ ବନ ମହୋତ୍ସବ ହପ୍ତା ପାଲିତ୍ ହେଇଯାଇଛେ । କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବୃକ୍ଷରୋପଣ୍ କର୍ବାର୍ ସହେତେ ପରିବେଶ୍ ସୁରକ୍ଷା ଲାଗି ନୂଆଁ ଜଙ୍ଗଲ୍ ସୃଷ୍ଟି କର୍ବାର୍ ଦିଗେ ଗଛ୍ ଲଗାବାର୍‌କେ ସମସ୍ତଙ୍କୁ ଅନୁରୋଧ୍ କରିଥିଲେ ।

ଗୃହପାଳିତା ପ୍ରାଣୀ ଗଣନା ତାଲିମ୍ କାର୍ଯ୍ୟକ୍ରମ ପି.ଆଇ.ବି.

ପୁରୀ ନ ସଫ୍ଟୱେର୍ ଆଉ ପ୍ରାଣୀମାନ୍‌କର୍ କିସମ୍ ବାବ୍‌ଦେ ୨୧ ନମ୍ବର୍ ଆଂଚଲିକ୍ ତାଲିମ୍ କାର୍ଯ୍ୟକ୍ରମ୍ ଆଏବା କାଏଲ୍ ହେବା । କେନ୍ଦ୍ର ମତ୍ସ୍ୟପାଲନ୍, ପ୍ରାଣୀ ସମ୍ପଦ୍ ଆର୍ ଦୁଗ୍ଧ ଉତ୍ପାଦନ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବାଘେଲ ଦୀକ୍ଷାନ୍ତ ଅଭିଭାଷଣ୍ ଦେବେ । ସେନ୍ତା ରାଜ୍ୟ ମତ୍ସ୍ୟପାଲନ୍, ପ୍ରାଣୀ ସମ୍ପଦ୍ ଆର୍ ଦୁଗ୍ଧ ଉତ୍ପାଦନ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କାର୍ଯ୍ୟକ୍ରମ୍‌ଥି ଅଭିଭାଷଣ୍ ଦେବେ । ଇଥି ଓଡ଼ିଶା, ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍, ଝାର୍‌ଖଣ୍ଡ, ବିହାର୍ ରାଜ୍ୟ ଆର୍ ଜିଲ୍ଲାସ୍ତରୀୟ ନୋଡ଼ାଲ୍ ଅଧିକାରୀମାନ୍‌କୁ ଭିନ୍ ଭିନ୍ କିସମ୍‌ର ଗୃହପାଳିତ୍ ପ୍ରାଣୀମାନ୍‌କର୍ ଗଣନା ବାବ୍‌ଦେ ତାଲିମ୍ ଦିଆଯିବା । ଇତାର୍‌ଛଡ଼ା ଗୃହପାଳିତ ପ୍ରାଣୀମାନ୍‌କର୍ ଗଣନାର୍

କେତେଟା ବୈଷୟିକ ଦିଗ ଆର୍ ମୋବାଇଲ୍ ଆପ୍, ଡେସ୍‌ବୋଡ଼ର ଉପଯୋଗ୍ ବାବ୍‌ଦେ ଭିଲ୍ ତାଲିମ୍ ଦିଆଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଅବପାତଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି କୋରାପୁଟ୍, ମାଲ୍‌କାନ୍‌ଗିରି, କଲାହାଣ୍ଡି ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସମ୍ଭାବ୍ୟ ଥିତିକେ ନଜର୍‌ଥି ରଖିକରି ଇ ଇଲାକାର୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ସତର୍କ ରହେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ନିର୍ଦ୍ଦେଶ୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଆଏବା ସଂସ୍କରଣ୍ ଲାଗି ମିଲିଥିବା ପ୍ରସ୍ତାବ୍ ବାବ୍‌ଦେ ସନ୍ତୋଷ୍ ପ୍ରକାଶ୍ କରିଛନ୍ । ଇ ମାସର୍ ୨୮ ତାରିଖ୍ ଦିନ ମନ୍ କି ବାତ୍‌ର ଆଏବା ସଂସ୍କରଣ୍ ପ୍ରସାରଣ୍ ହେବା ।

ଗୁଟେ ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଶ୍ରୀ ମୋଦୀ କହିଛନ୍ ଯେ, ଆଏବା ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଲାଗି ବହୁତ୍‌ଟେ ପ୍ରସ୍ତାବ୍ ମିଲିଛେ । ଇ ପ୍ରସ୍ତାବ୍ ମାନ୍‌କର୍ ଭିତ୍‌ରେ ସାମୂହିକ୍ ପ୍ରୟାସ୍ ସହେତେ ସମାଜ୍‌ଥି ବଦ୍‌ଲା ଆନ୍‌ବାର୍ ଲାଗି ଯୁବଗୋଷ୍ଠୀନୁ ମିଲିଥିବା ପ୍ରସ୍ତାବ୍ ବହୁତ୍ ପ୍ରଶଂସନୀୟ ବଲି ଶ୍ରୀ ମୋଦୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଲୋକ୍‌ମାନ୍‌କୁ ନିଜର୍ ପ୍ରସ୍ତାବ୍ ମଇଁ ଗଭ୍ ଆର୍ ନମୋ ଆପ୍‌ଥି ପଠାବାର୍ ସହେତେ ୧୮୦୦-୧୧୭-୮୦୦ ନମ୍ବର୍‌ଥି ଭଏସ୍ ମେସେଜ୍ ରେକର୍ଡ଼ କରାବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।